# Akashvani, Sambalpur

## SAMBALPURI NEWS EVENING BULLETIN

**31 May 2024- 7.02 pm- 7.12 pm.**

*******************************************

୧- ଦେଶ୍ ଆର୍ ରାଜ୍ୟର୍ ଶେଷ୍ ଖେପ୍ର ନିର୍ବାଚନ୍ ଲାଗି ଆଏବା କାଏଲ୍ ନିଆଯିବା ଭୋଟ୍ ।

- ରାଜ୍ୟର୍ ୯୯ ଲାଖ୍ ୬୧ ହଜାର୍ ମତଦାତା ସାବ୍ୟସ୍ତ କର୍ବେ ମତାଧିକାର୍ ।

୨- ସୁନ୍ଦର୍ଗଡ୍ ଆର୍ ଝାର୍ସୁଗୁଡ଼ା ନ ଅସ୍ୱାଭାବିକ୍ ମୃତ୍ୟୁ ଘଟ୍ନାର୍ ତଦନ୍ତ୍ ଲାଗି ଜନସ୍ୱାସ୍ଥ୍ୟ ବିଭାଗ୍ର ନିର୍ଦ୍ଦେଶ୍ ।

୩- ତମାଖୁ ସେବନ ଆଉ ସ୍ୱାସ୍ଥ୍ୟହାନୀ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍କେ ଆଉ ୩ ଦିନ୍ତକ୍ ଜାରି ରହେବା ଗ୍ରୀଷ୍ମପ୍ରବାହ ।

- ଦିନର୍ ୧୧ ବଜେନୁ ଉପର୍ବେଲା ୩ ବଜେତକ୍ ଘରୁ ନାଇଁ ବାହାର୍ବାର୍ ଲାଗି ପରାମର୍ଶ ଦେଲେ ଏସ୍ଆର୍ସି ।

୭ ନମ୍ବର୍ ଖେପ୍ ନିର୍ବାଚନ୍- ପ୍ରଚାର୍ ଶେଷ୍

ଆର୍ଏନ୍ୟୁ ସମ୍ବଲପୁର

ରାଏଜେ ୪ ନମ୍ବର୍ ଆର୍ ଶେଷ୍ ଖେପେ ଆଏବାକାଏଲ୍ ୬ ଟା ଲୋକ୍ସଭା ଆସନ୍ ଆର୍ ଇତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ହେବା । ଇଥି ମୟୁର୍ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍ସିଂହପୁର୍ ଲୋକସଭା ଆସନ୍ ସହେତେ ଇତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ଇ ସବୁ ଜାଗା ନ ସଖାଲର୍ ୭ ବଜେନୁ ମତଦାନ୍ ମୁଲ୍ ହେଇକରି ସଞ୍ଝର୍ ୬ ବଜେତକ୍ ଚାଲ୍ବା । ସବୁ ମିଶିକରି ୯୯ ଲାଖ୍ ୬୧ ହଜାର୍ ୫୭ ଝନ୍ ମତଦାତା ଭୋଟ୍ ଦେବେ । ଇମାନ୍କର୍ ଭିତ୍ରେ ୫୦ ଲାଖ୍ ୮୮ ହଜାର୍ ୭୬ ଝନ୍ ପୁରୁଷ, ୪୮ ଲାଖ୍ ୭୨ ହଜାର୍ ୨ ଶହ ୯୪ ଝନ୍ ମହିଳା ଆର୍ ୬ ଶହ ୮୭ ଝନ୍ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ । ଇ ଖେପେ ୨ ଲାଖ୍ ୫୭ ହଜାର୍ ୩ ଶହ ୪୫ ଝନ୍ ପହେଲା କରି ଭୋଟ୍ ଦେବେ ।

ମତଦାନ୍ ଲାଗି ମୋଟ୍ ୧୦ ହଜାର୍ ୮ ଶହ ୮୨ ଟା ବୁଥ୍ କରାଯାଇଛେ । ଇତାର୍ ଭିତ୍ରେ ୧ ହଜାର୍ ୪ ଶହ ନୁ ଅଏତ୍କା ସଖୀ ଭୋଟ୍ ଗ୍ରହଣ୍ କେନ୍ଦ୍ର ମହିଳା କର୍ମଚାରୀମାନ୍କର୍ ଦ୍ୱାରା ପରିଚାଲିତ୍ ହେବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ଭୋଟ୍ ଗ୍ରହଣ୍କେ ସୁରୁଖୁରୁ କର୍ବାର୍ ଲାଗି ୭୨ ହଜାର୍ ପୁଲିଂ କର୍ମଚାରୀ ନିଯୁକ୍ତ ହେଇଛନ୍ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଳ କହିଛନ୍ ଯେ, ଆଏବାକାଲିର୍ ନିର୍ବାଚନ୍ ପ୍ରକ୍ରିୟା ଉପ୍ରେ ନଜର୍ ରଖିବାର୍ ଲାଗି ୧୨ ଝନ୍ ସାଧାରଣ ପର୍ଯ୍ୟବେକ୍ଷକ୍, ୩ ଝନ୍ ପୁଲିସ୍ ପର୍ଯ୍ୟବେକ୍ଷକ୍ ଆର୍ ୧୮ ଝନ୍ ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ଅବସ୍ଥାପିତ୍ ହେଇଛନ୍ ।

୭ ନମ୍ବର୍ ଖେପ୍ ନିର୍ବାଚନ୍-ଦେଶ ଆର୍ଏନ୍ୟୁ ସମ୍ବଲପୁର

ଦେଶେ ୭ ନମ୍ବର୍ ଖେପ୍ ସାଧାରଣ ନିର୍ବାଚନ୍‌ଥି ଆଏବା କାଏଲ୍ ଓଡ଼ିଶା ସହେତେ ୮ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ ଟା ସଂସଦୀୟ କ୍ଷେତ୍ର ଲାଗି ଭୋଟ୍ ହେବା । ପଞ୍ଜାବ୍ ଆର୍ ଉତର୍‌ପ୍ରଦେଶ୍‌ର ୧୩ ଟା ଲେଖା, ପଶ୍ଚିମବଙ୍ଗ୍‌ର ୯ ଟା, ବିହାର୍‌ର ୮ ଟା, ହିମାଚଲ୍ ପ୍ରଦେଶ୍‌ର ୪ ଟା, ଝାର୍‌ଖଣ୍ଡର ୩ ଟା ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଖେପେ ସବୁ ମିଶିକରି ୯ ଶହ ୪ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ । ଆଏବା ଜୁନ୍ ୪ ତାରିଖ୍ ଦିନ ସବୁ ଖେପର୍ ଭୋଟ୍‌ଗନ୍ତି କରାଯିବା ।

ନିର୍ବାଚନ୍-ପୁଲିସ୍ ଡିଜି ଆର୍ଏନ୍ୟୁ/ ସମ୍ବଲପୁର

ଆଏବା କାଏଲ୍ ଓଡ଼ିଶା ନ ହେବାର୍‌କେ ଥିବାର୍ ୪ ନମ୍ବର୍ ଖେପର୍ ସାଧାରଣ୍ ନିର୍ବାଚନ୍‌କେ ଶାନ୍ତିଶୃଙ୍ଖଲା, ଅବାଧ ଆଉ ନିରପେକ୍ଷ ଭାବେ କର୍‌ବାର୍ ଲାଗି ରାଜ୍ୟ ପୁଲିସ୍ ତର୍‌ଫୁ ଜବର୍ ବ୍ୟବସ୍ଥା କରାଯାଇଛେ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସେ କହିଛନ୍ ଯେ, ଆଏବା କାଏଲ୍ ନିର୍ବାଚନ୍ ଲାଗି ୨୧ ପ୍ରତିଶତ୍ ବୁଥ୍‌କେ ସମ୍ବେଦନ୍‌ଶୀଲ୍ ଚିହ୍ନଟ୍ କରାଯାଇଛେ । ନିର୍ବାଚନ୍ ପରିଚାଲନାର୍ ସୁରକ୍ଷା ଲାଗି ଭିନ୍ ଭିନ୍ ପାହ୍ୟାର୍ ପୁଲିସ୍ କର୍ମଚାରୀଙ୍କୁ ମୁତୟନ୍ କରାଯାଇଛେ । ଇମାନ୍‌କର୍ ଭିତ୍‌ରେ ଶହେ ୨୬ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ଅଛନ୍ । ୪ ଝନ୍ ଯୁବ ଆଇପିଏସ୍ ଅଧିକାରୀଙ୍କୁ ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ମୟୁର୍‌ଭଞ୍ଜ, ଭଦ୍ରକ୍ ଆର୍ ବାଲେଶ୍ୱର୍ ଜିଲ୍ଲା ନ ମୁତୟନ୍ କରାଯାଇଛେ ବଲି ସେ କହିଛନ୍ ।

## ପଶ୍ଚିମ ଓଡ଼ିଶା ଅସ୍ୱାଭାବିକ୍ ମୃତ୍ୟୁ- ତଦନ୍ତ ନିର୍ଦ୍ଦେଶ୍

ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମ ଓଡ଼ିଶା ନ ଅସ୍ୱାଭାବିକ୍ ମୃତ୍ୟୁ ଘଟ୍‌ନା ବାବ୍‌ଦେ ତଦନ୍ତ୍ କର୍‌ବାର୍ ଲାଗି ଜନସ୍ୱାସ୍ଥ୍ୟ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନୀଳକଣ୍ଠ ମିଶ୍ର

କହିଛନ୍ । ଗୁଟେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଇତାର୍ ତଦନ୍ତ୍ କର୍‌ବେ । ମୃତ ଦେହ ମାନ୍‌କର୍ ବ୍ୟବଛେଦ୍ କରାଯିବା । ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ମୃତ୍ୟୁର୍ କାରଣ୍ ଫଟିକ୍ ହେବା ବଲି ଶ୍ରୀ ମିଶ୍ର କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ୧୬ ଝନ୍‌କର୍ ଅସ୍ୱାଭାବିକ୍ ମୃତ୍ୟୁ ହେଇଥିବାର୍ ଅଭିଯୋଗ୍ ହେଇଛେ ।

ଗ୍ରୀଷ୍ମପ୍ରବାହ ମୁକାବିଲା- ପ୍ରଶାସନ୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର୍ ମୁକାବିଲା ବାବ୍‌ଦେ ଆଏଜ୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍‌ଙ୍କର୍ ଅଧ୍ୟକ୍ଷତାଥି ସବୁ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ଗୁଟେ ବୈଠକ୍ ହେଇଥିଲା । ପିଇବାର୍ ପାଏନ୍ ଅଭାବ୍ ଥିବାର୍ ଇଲାକା ନ ପାନିର୍ ବ୍ୟବସ୍ଥା କର୍‌ବାର୍, ନଲ୍‌କୂଅାଁ ମାନ୍‌କୁ ମରାମତି କର୍‌ବାର୍, ହସ୍ପିଟାଲ୍, ବସ୍‌ଷ୍ଟେଣ୍ଡ ଆର୍ ବଜାର୍ ବାଗିର୍ ସର୍ବସାଧାରଣ ଜାଗାମାନ୍‌କେ ଜଲସେବା କେନ୍ଦ୍ର ଖୁଲ୍‌ବାର୍ ଆର୍ ଓଆର୍‌ଏସ୍ ପେକେଟ୍ ମହଜୁଦ୍ ରଖିବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ବିଶ୍ୱ ତମାଖୁ ବର୍ଜନ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍ଫୁ ୧୯୮୮ ମସିହାନୁ ଆଝିର୍ ଦିନ୍‌କେ ୱାର୍ଲ୍ଡ ନୋ ଟୋବାକୋ ଡେ ଭାବେ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ । ଲୁକକୁ ତମାଖୁ ସେବନ୍ ଲାଗି ହେଉଥିବା ସ୍ୱାସ୍ଥ୍ୟ ହାନୀ ବାବ୍‌ଦେ ସଚେତନ୍ କରାବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛ୍‌ରର୍ ତମାଖୁ ବର୍ଜନ ଦିବସ୍‌ର ବିଷୟ ହେଉଛେ 'ତମାଖୁ ଶିଳ୍ପର ହସ୍ତକ୍ଷେପ୍‌ନୁ ପିଲାଙ୍କୁ ସୁରକ୍ଷା ଦେବା' । ତମାଖୁଥି ୭ ହଜାର୍‌ନୁ ଅଏତ୍‌କା ବିଷାକ୍ତ ଦରବ୍ ରହିଛେ । ସେଥୁ ୬୦ ଟା ଦରବ୍ କର୍କଟ ରୋଗ୍‌ର ମୂଲ୍ କାରଣ୍ ଆଏ । ତମାଖୁ ସେବନ୍ କଲେ ଫୁସ୍‌ଫୁସ୍, ମୁଖଗହ୍ୱର ଆର୍ ଜିଭେ କର୍କଟ ରୋଗ ଦେଖାଦେସି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ହିସାବ୍ ଅନ୍‌ସାରେ ତମାଖୁ ସେବନ ଲାଗି ଫି ବଛର୍ ୮୦ ଲାଖ୍ ନୁ ଅଏତ୍‌କା ଲୁକ୍‌କର୍ କର୍କଟ ଆର୍ ମୁଖଗହ୍ୱର କର୍କଟ ରୋଗ୍‌ଥି ଜୀବନ୍ ଯାଉଛେ । ୨୦୩୦ ବେଲ୍‌କେ ତମାଖୁ ସେବନ୍‌ନୁ ଏକତୃତୀୟାଂଶ ମୃତ୍ୟୁ କମାବାର୍ ଲାଗି ମିଳିତ ଜାତିସଂଘ ଲକ୍ଷ୍ୟ ରଖିଛେ ।

ବିଶ୍ୱ ତମାଖୁ ବର୍ଜନ୍ ଦିବସ-୧ ବୌଦ୍ଧ ସମ୍ବାଦଦାତା

ବିଶ୍ୱ ତମାଖୁ ବର୍ଜନ୍ ଦିବସ ଅବ୍‌ସରେ ବୌଦ୍ଧ ଠାନେ ଆଏଜ୍ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସଚେତନତା ସଭା ଆର୍

ଶୋଭାଯାତ୍ରା କରାଯାଇଥିଲା । ଇଥି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଜୟକୃଷ୍ଣ ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ବି.କେ. ହେମ୍ବ୍ରମ୍ ତମାଖୁ ବେଭାର୍‌ର ଅପକାରିତା ବିଷେ ଉପ୍‌ରେ ଆଲୋଚନା କରିଥିଲେ ।

ଆକାଶବାଣୀ ଅଧିକାରୀ ଅବସର ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ଉପ ନିର୍ଦ୍ଦେଶକ୍ ଆଉ (ଅଭିଯାନ୍ତ୍ରିକୀ) ମୁଖ୍ୟ ରମେଶ୍ ଚନ୍ଦ୍ର ଭୋଇ ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ । ୧୯୮୮ ମସିହାଥି ଆକାଶ୍‌ବାଣୀ କୋଲ୍‌କାତାନୁ ଚାକିରୀ ଜୀବନ୍ ମୁଲ୍ କରିକରି ସେ ଗୌହାଟୀ, ସମ୍ବଲପୁର, ଦେବ୍‌ଗଡ୍, ଭବାନୀପାଟ୍‌ନା ସହେତେ ଭିନ୍ ଭିନ୍ ଷ୍ଟେସନ୍ ନ ଅବସ୍ଥାପିତ୍ ହେଇଥିଲେ । ଆଏଜ୍ ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ସମ୍ବଲ୍‌ପୁର୍ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି ଦୂରଦର୍ଶନ୍ କେନ୍ଦ୍ରର୍ ସହାୟକ ନିର୍ଦ୍ଦେଶକ୍ ଆଉ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ମୁଖ୍ୟ ପି.କେ. ମିଶ୍ର ଆଉ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ଉପସ୍ଥିତ୍ ଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଳନା କରିଥିଲେ ।

ସମ୍ବଲ୍‌ପୁର୍- ମାଲ୍‌ତୀ ସେତୁ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ସହରୁ ସୋନ୍‌ପୁର୍ ରାସ୍ତାର୍ ୧୫ ନମ୍ବର୍ ରାଜ୍ୟ ରାଜପଥକେ ୟୁଡ୍‌ବାର୍ ଲାଗି ମାଲ୍‌ତୀ ନଦୀ ଉପ୍‌ରେ ଗୁଟେ ଉଛା ବ୍ରିଜ୍ ବନାବାର୍ କାମ୍ ମୁଲ୍ ହେଇଛେ । ପାଖାପାଖି ୨୯ ମିଟର୍ ଲମ୍ବା ଇ ବ୍ରିଜ୍ ପ୍ରକଳ୍ପ ଲାଗି ୧୬ କୋଟି ୬୫ ଲାଖ୍ ଟଙ୍କା ଖର୍ଚ୍ଚା ହେବା । ଇ ବ୍ରିଜ୍ ହେଲେ ସମ୍ବଲ୍‌ପୁର୍ ସହର୍‌ନୁ ଧନୁପାଲି ଆର୍ ଭତ୍‌ରା ଦେଇକରି ଇ ରାସ୍ତାଥି ବର୍ଷାଦିନେ ଭିଲ୍ ସୋନ୍‌ପୁର୍ ଆଡ୍‌କେ ଲୁକ୍‌କର୍ ଯା'ଆସ୍‌ଥି ସୁବିଧା ହେବା ।

କୃତୀ ମେଟ୍ରିକ୍ ପରୀକ୍ଷାର୍ଥୀ-ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଲା ମେଟ୍ରିକ୍ ପରୀକ୍ଷାଥି ଏ-ୱାନ୍ ଗ୍ରେଡ୍ ରଖିଥିବା ଜିଲ୍ଲାର୍ ୨୫ ଝନ୍ ଛାତ୍ରଛାତ୍ରୀଙ୍କୁ ଆଏଜ୍ ସମ୍ବର୍ଦ୍ଧିତ କରାଯାଇଥିଲା । ଇଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଲିନା ପ୍ରଧାନ୍ ଆର୍ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଛାତ୍ରଛାତ୍ରୀ ଆର୍ ସମ୍ପୃକ୍ତ ବିଦ୍ୟାଳୟମାନ୍‌କର୍ ମୁଖ୍ୟମାନ୍‌କୁ ପୁଷ୍ପଗୁଚ୍ଛ ଦେଇକରି ଅଭିନନ୍ଦନ୍ ଜନେଇଥିଲେ ।

ସମ୍ବଲପୁର- ଅଂଶୁଘାତ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ନ ଆଏଜ୍ ୨ ଝନ୍‌କର ଅସ୍ୱାଭାବିକ ମୃତ୍ୟୁ ହେଇଛେ । ଶବ ବ୍ୟବଚ୍ଛେଦ୍ ଉତାରୁ ଇମାନ୍‌କର୍ ମୃତ୍ୟୁର୍ କାରଣ୍ ଜନାଯିବା । ଇମାନ୍‌କର୍ ଭିତ୍‌ରେ ରେଲ୍‌ଓ୍ୱେ ଷ୍ଟେସନ୍ ନ ରହୁଥିବାର୍ ଝନେ ବୃଦ୍ଧ ଆର୍ କଂଟାବାଞ୍ଜି-ବିଲାସ୍‌ପୁର୍ ପେସେଞ୍ଜର୍ ଟ୍ରେନ୍‌ର ଝନେ ଯାତ୍ରୀ ଥିବାର୍ ଜନାପଡ଼ିଛେ । ହେଲେ ଗ୍ରୀଷ୍ମପ୍ରବାହନୁ ହେଇଥିବା ଅଂଶୁଘାତ୍ ଲାଗି ଇମାନ୍‌କର୍ ଜୀବନ୍ ଯାଇଥିବାର୍ ଅଭିଯୋଗ୍ ହେଇଛେ ।

ଅନ୍‌ଲାଇନ୍ ଠକେଇ ଆର୍‌ଏନ୍‌ୟୁ/ କଟକ୍

ଦେଶେ ଅନ୍‌ଲାଇନ୍ ଠକେଇ ୭ ଶହ ୮ ପ୍ରତିଶତ୍ ବଢ଼ିଥିବାର୍ ଜନାପଡ଼ିଛେ । ଭାରତୀୟ ରିଜର୍ଭ ବେଙ୍କ୍ ତର୍‌ଫୁ ଜାରି ବାର୍ଷିକ୍ ରିପୋର୍ଟ ଅନ୍‌ସାରେ, ୨୦୨୨ -୨୩ ଆଉ ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ଖାଲି ବେଙ୍କ୍ ଠକେଇର୍ ପରିମାଣ୍ ୩ ଶହ ପ୍ରତିଶତ୍ ବଢ଼ିଥିବାର୍ ବେଲେ ୨୦୨୪ ଥି ୩୬ ହଜାର୍ ୭୫ ଟା ବେଙ୍କ୍ ଠକେଇ ମାମ୍‌ଲା ପଞ୍ଜିକୃତ ହେଇଛେ । ସେନ୍ତା ୨୦୨୪ ଆର୍ଥିକ୍ ବଛ୍‌ରେ ଘରୋଇ କ୍ଷେତ୍ର ନ ବେଙ୍କ୍ ଠକେଇ ହାର ୬୭ ପ୍ରତିଶତ୍ ଥିବାର୍ ବେଲେ ଜାତୀୟକରଣ୍ ବେଙ୍କ୍ ଠକେଇ ହାର ୭୫ ପ୍ରତିଶତ୍ ରହିଛେ ।

ମୌସୁମୀ- ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ସହେତେ ଉତର୍‌ପୂର୍ବ ରାଜ୍ୟମାନ୍‌କେ ପହଁଚିଥିବାର୍ ବାବ୍‌ଦେ ଭାରତୀୟ ପାଣିପାଗ୍ କାର୍ଯ୍ୟାଳୟ ସୂଚ୍‌ନା ଦେଇଛେ । ଇଥର ମୌସୁମୀ ବାୟୁ ଏକାସଙ୍ଗେ କେରଳ ଆର୍ ଉତର୍‌ପୂର୍ବ ରାଜ୍ୟ ଛୁଇଁଛେ । କିଛି ଦିନ ଆଗ୍‌ରୁ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ସାମୁଦ୍ରିକ ଝଡ଼ ରେମାଲ୍‌ର ବଲେ ମୌସୁମୀ ଜଲ୍‌ଦି ଆସିଥିବାର୍ ପାଣିପାଗ୍ ବିଭାଗ୍ ତର୍‌ଫୁ ଜନାପଡ଼ିଛେ । ଇତାର୍ ଆଗ୍‌ରୁ ୨୦୧୭ ମସିହାଥି ମୌସୁମୀ ବାୟୁ ଏକାସାଙ୍ଗେ କେରଳ ଆର୍ ଉତର୍‌ପୂର୍ବ ରାଜ୍ୟକେ ଛୁଇଁଥିଲା । କେରଳ ନ ବର୍ଷା ଜାରି ରହିଥିବାର୍ ବେଲେ ଅଲ୍‌ଗା ଇଲାକା ନ ବର୍ଷା ହେବା ବଲି ଆଗୁଆ ଅନୁମାନ୍ କରାଯାଇଛେ । ଇ ବଛର୍ ମୌସୁମୀ ବାୟୁର୍ ପ୍ରଭାବ୍‌ଥି ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ଆଗ୍‌ରୁ ସୂଚ୍‌ନା ଦେଇସାରିଛେ । ଦେଶେ ୯୬ ନୁ ଶହେ ୪ ପ୍ରତିଶତ୍ ବର୍ଷା ହେବା । ଚାଷ୍ କାମ୍ ଛଡ଼ା ବିଦ୍ୟୁତ୍ ଉତ୍ପାଦନ୍ ଆଉ ଅଲ୍‌ଗା କାମ୍ ଲାଗି ମୌସୁମୀ ବର୍ଷା ଉପ୍‌ରେ ନିର୍ଭର୍ କରାଯାଏସି ।

ଗ୍ରୀଷ୍ମପ୍ରବାହ- ସତର୍କ ସୂଚ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ୩ ଦିନ୍‌ତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଗ୍ରୀଷ୍ମପ୍ରବାହକେ

ନଜର୍‌ଥି ରଖିକରି ସତର୍କତା ମୂଳକ୍ ପଦକ୍ଷେପ୍ ନେବାର୍ ଲାଗି ଜିଲ୍ଲାପାଳ୍‌ମାନ୍‌କୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ୍ ଦେଇଛନ୍ । ଦିନର୍ ୧୧ ବଜେନୁ ଉପର୍‌ବେଲାର୍ ୩ ବଜେତକ୍ ଘରୁ ନାଇଁ ବାହାର୍‌ବାର୍ ଲାଗି ଲୁକ୍‌କୁ ସେ ପରାମର୍ଶ ଦେଇଛନ୍ । ସମୁଦ୍ର କୂଳିଆ ଇଲାକା ନ ବାୟୁମଣ୍ଡଲ୍ ନ ଆର୍ଦ୍ରତା ପରିମାଣ୍ ୭୮ ପ୍ରତିଶତ ରହୁଥିବାର୍‌ନୁ ଅସହ୍ୟ ଗୁଲ୍‌ଗୁଲି ହେଉଛେ ।

ଇହାଦେତକ୍ ରାଏଜେ ଅଂଶୁଘାତ୍‌ନୁ ୫ ଝନ୍‌କର୍ ଜୀବନ୍ ଯାଇଛେ । ସେମାନ୍‌କର୍ ଭିତ୍‌ରେ ବଲାଙ୍ଗିର୍ ଆର୍ ସୋନ୍‌ପୁର୍‌ର ଝନେ ଲେଖା ଅଛନ୍ । ସୁନ୍ଦର୍‌ଗଡ୍ ଜିଲ୍ଲା ନ ଅଂଶୁଘାତ୍‌ଜନିତ ମୃତ୍ୟୁ ବାବ୍‌ଦେ ୧୨ ଟା ଆର୍ ଝାର୍‌ସୁଗୁଡ଼ା ଜିଲ୍ଲା ନ ୬ ଟା ଅଭିଯୋଗ୍ ଆସିଛେ । ଶବ ବ୍ୟବଚ୍ଛେଦ୍ ଉତ୍‌ରୁ ଇମାନ୍‌କର୍ ମୃତ୍ୟୁର୍ କାରଣ୍ ଫଟିକ୍ ହେବା ବଲି ଏସ୍‌ଆର୍‌ସି କହିଛନ୍ ।

କଲାହାଣ୍ଡି, ବୌଦ୍ଧ, ବଲାଙ୍ଗିର୍, କନ୍ଧମାଲ୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍ ଆର୍ ସମ୍ବଲ୍‌ପୁର୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସେଆଡ଼େ ଆଏଜ୍ ରାଜ୍ୟର୍ ସବୁନୁ ଅଏତ୍‌କା ତାତି ଟିଟିଲାଗଡ୍ ନ ୪୬ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।